# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 14th September - 2026

************************************

*Desk*

## ଓରାଂଓଟାନ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରଖାଯାଇଥିବା ୫ଟି ଓରାଂଓଟାନ୍‌ଙ୍କ ଯତ୍ନ ଓ କଲ୍ୟାଣପାଇଁ ଏକ ପାଞ୍ଚଜଣିଆ କମିଟି ଗଠନ କରାଯାଇଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ ନିର୍ଦ୍ଦେଶରେ ଏହି କମିଟି ଗଠନ କରାଯାଇଛି । କମିଟିର କାର୍ଯ୍ୟକାଳ ୬ ମାସ ରହିବ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ବିଚିତ୍ରପୁର ବଡ଼ପାଳି ଜଙ୍ଗଲରୁ ଓରାଂଓଟାନ୍‌ମାନଙ୍କୁ ଉଦ୍ଧାର କରାଯାଇଥିଲା ।

*Pool*

## ହିନ୍ଦୀ ଦିବସ

ସାରା ଦେଶରେ ଆଜି 'ହିନ୍ଦୀ ଦିବସ' ପାଳନ କରାଯାଉଛି। ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ରାଜଭାଷା ଭାବରେ ଗ୍ରହଣ କରିଥିଲା। ବର୍ତ୍ତମାନ ହିନ୍ଦୀ ବିଶ୍ୱର

ଅନ୍ୟତମ ବ୍ୟାପକ ଭାବେ କଥିତ ଭାଷା ଏବଂ ୫୨ କୋଟିରୁ ଅଧିକ ଲୋକଙ୍କର ମାତୃଭାଷା ଭାବେ ବ୍ୟବହାର ହେଉଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆଜି ନଭି ମୁମ୍ବାଇରେ ଆୟୋଜିତ ହେବାକୁ ଥିବା 'ହିନ୍ଦୀ ଦିବସ' କାର୍ଯ୍ୟକ୍ରମ ଏବଂ ଷଷ୍ଠ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ'ରେ ଯୋଗଦେବେ। ଉଦ୍‌ଘାଟନୀ ଅଧିବେଶନରେ ଆଜି ଶ୍ରୀ ଶାହ ୨୦୨୫-୨୬ ବର୍ଷ ପାଇଁ 'ରାଜଭାଷା ଗୌରବ' ଏବଂ 'ରାଜଭାଷା କୀର୍ତ୍ତି' ପୁରସ୍କାର ପ୍ରଦାନ କରିବେ।

***Pool***

# ସେବା ଅଭିଯାନ

ସମଗ୍ର ଦେଶରେ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ମାସ ୧୭ ତାରିଖ ପର୍ଯ୍ୟନ୍ତ 'ସେବା ସଙ୍କଳ୍ପ ଅଭିଯାନ'ର ଆୟୋଜନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଘୋଷଣା କରିଛନ୍ତି । ମୁମ୍ବାଇଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଶାହା କହିଛନ୍ତି, ଜନ ଭାଗିଦାରୀ ମାଧ୍ୟମରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବା ଲାଗି ଏହି ଅଭିଯାନର ଲକ୍ଷ୍ୟ ରହିଛି । ସେପ୍ଟେମ୍ବର ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ହୋଇଥିବାବେଳେ ଅକ୍ଟୋବାର ମାସରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବେ ଜନସେବା କ୍ଷେତ୍ରରେ ଶ୍ରୀ ମୋଦିଙ୍କର ୨୫ ବର୍ଷ ପୂରଣ ହେଉଛି ବୋଲି ଶ୍ରୀ ଶାହା କହିଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ଗଣେଶପୂଜା ତଥା ସରକାରୀ ଛୁଟି ପରିପ୍ରେକ୍ଷୀରେ ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଶୁଣାଣି ତାରିଖ ଗଣମାଧ୍ୟମ ଦ୍ୱାରା ଅବଗତ କରାଯିବ ବୋଲି ବିଭାଗ କହିଛି ।

***Jajpur/R***

# ମଧ୍ୟସ୍ଥତା - ମାମଲା ବିଚାର

ମେଡିଏସନ୍ ଫର୍ ନେସନ୍-୩.୦ ଅଭିଯାନ ଅନ୍ତର୍ଗତ ଯାଜପୁର ଜିଲ୍ଲାର ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ଯୋଗ୍ୟ ମାମଲାଗୁଡ଼ିକର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯିବ । ଜିଲ୍ଲା ଓ ତାଲୁକ ଅଦାଲତ ସମେତ ବିଭିନ୍ନ ଅଦାଲତରେ ଚାଲିଥିବା ବିଭିନ୍ନ ମାମଲାଗୁଡ଼ିକୁ ତର୍ଜମା କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ଶୀଘ୍ର ନିଷ୍ପତ୍ତି କରାଯିବ ।

*Desk*

# ରେଳ ସେକ୍ସନ ନିର୍ମାଣ

ରାୟଗଡ଼ା-କୋରାପୁଟ-ଜୟପୁର ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଫୁଙ୍କୱାଲ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ସୁରକ୍ଷା, ଟ୍ରେନ୍ ପରିଚାଳନା, ଭିତ୍ତିଭୂମି ବିକାଶ ଆଦିର ଅନୁଧ୍ୟାନ କରିଛନ୍ତି ।

*Cuttack/R*

# ରାସନ କାର୍ଡ଼ ବଣ୍ଟନ

ଖାଉଟି ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କଟକ ଜିଲ୍ଲାପାଳଙ୍କ ସମ୍ମିଳନ କକ୍ଷଠାରେ ଗତକାଲି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କୁ ରାସନ କାର୍ଡ଼ ବଣ୍ଟନ କରିଛନ୍ତି । ନିୟମିତ ଭାବରେ ଯୋଗ୍ୟ ହିତାଧିକାରୀ ଏହାଦ୍ୱାରା ଅତ୍ୟାବ୍ୟକ ସାମଗ୍ରୀ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ୭୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ରାସନ କର୍ଡ଼ ବଣ୍ଟନ କରାଯାଇଥିଲା ।

*Desk*

# ଗଣେଶ ପୂଜା

ଗଣେଶ ଚତୁର୍ଥୀ ଅବସରରେ ଆଜି ଶ୍ରଦ୍ଧା ଓ ଭକ୍ତିଭାବ ସହ ବିଘ୍ନନାଶକ ଗଜାନନଙ୍କ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀକ୍ଷେତ୍ର ପୁରୀରେ ବହୁ ଶ୍ରଦ୍ଧାଳୁ ପ୍ରତ୍ୟୁଷରୁ ଶ୍ରୀମନ୍ଦିରକୁ ଯାଇ ବଟ ଗଣେଷଙ୍କ ପୂଜାର୍ଚ୍ଚନା କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ସହ ଆକର୍ଷଣୀୟ ତୋରଣମାନ ନିର୍ମାଣ କରାଯାଇଛି ।  ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ଗଣେଶ ପୂଜାପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

*Cuttack/R*

# ଦୁର୍ଗାପୂଜା ଶାନ୍ତିକମିଟି ବୈଠକ

ଦୁର୍ଗାପୂଜା ଓ ଭସାଣ ଉତ୍ସବ ପାଇଁ କଟକ ସହିଦ ଭବନଠାରେ ମହାନଗର ଶାନ୍ତିକମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି ।  ଦୁର୍ଗାପୂଜାପାଇଁ ପୂଜାମଣ୍ଡପଗୁଡ଼ିକର ଭୂମିକର ସମ୍ପୂର୍ଣ୍ଣ ଛାଡ଼ପାଇଁ ନିଷ୍ପତ୍ତି ହୋଇଛି । ଏଥିସହ ମଣ୍ଡପ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବାପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି ।

*Nuapada/R*

# ନୂଆଖାଇ - ପ୍ରସ୍ତୁତି

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନପାଇଁ ନୂଆପଡ଼ା ଜିଲ୍ଲାରେ ପ୍ରସ୍ତୁତି ଚୂଡ଼ାନ୍ତ ହେବା ସହ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯାଇଛି । ବଜାରରେ ନୂଆ ଶସ୍ୟ, ଧାନଖେଡ଼, ଚୁଡ଼ା, ମାଟିପାତ୍ର ସମେତ କୁରେପତ୍ର ବିକ୍ରି କରାଯାଉଛି । ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି କୃଷିଭିତ୍ତିକ ଗଣପର୍ବ ପାଳନପାଇଁ ଉତ୍ସବମୁଖର ହୋଇଛି ।

*Desk*

# ହକି

କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ଓ ମହିଳା ଦଳ ଟାଇଟଲ୍ ହାସଲ କରିଛନ୍ତି । ଭାରତୀୟ ପୁରୁଷ ଦଳ ଷଷ୍ଠ ଓ କ୍ରମାଗତ ଚତୁର୍ଥ ଥରପାଇଁ ଏହି ଟାଇଟଲ୍ ହାସଲ କରିଛି । ସେହିପରି ମହିଳା ଦଳ ମଧ୍ୟ ଲଗାତାର ତୃତୀୟ ଥରପାଇଁ ବିଜୟୀ ହୋଇଛି । ଭାରତୀୟ ପୁରୁଷ ଦଳରେ ୯ ଜଣ ଓ ମହିଳା ଦଳରେ ୩ ଜଣଙ୍କ ସମେତ ମୋଟ୍ ୧୨ ଜଣ ଓଡ଼ିଆ ଖେଳାଳି ସାମିଲ୍ ହୋଇଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତାପାଇଁ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓଡ଼ିଶା ଅତିକ୍ରମ କରିବା ପରେ ଦକ୍ଷିଣ ଛତିଶଗଡ଼ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି । ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****